# ପ୍ରାଚୀନ ଇତିହାସ ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସୋମବାର ସକାଳ ସାଢ଼େ ୮ଟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ବନ୍ଦେ ଉତ୍କଳ ଜନନୀ ଗାନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନର ଇତିହାସ, ଅସ୍ମିତା ଓ ମହାମନୀଷୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି କହିଲେ, ଓଡ଼ିଶାର ଇତିହାସ, ପରମ୍ପରା ଓ ସଂସ୍କୃତି ବିଷୟରେ ସମସ୍ତେ ଜାଣିବା ସହିତ ଅନ୍ୟମାନଙ୍କୁ ଜଣାଇବା ଦରକାର। ବହୁ ପ୍ରାଚୀନ କାଳର ଇତିହାସ ସମ୍ପର୍କରେ ସମସ୍ତେ ଜ୍ଞାନ ଆହରଣ କରିବା ଉଚିତ।





ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯାଉଛି।

କଳିଙ୍ଗ ତଥା ଉତ୍କଳର ପରିଧି ଭାରତ ବର୍ଷରେ ବହୁଦୂର ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା। ସେହିପରି ଓଡ଼ିଶାରେ ବୌଦ୍ଧ ଧର୍ମର କଳା ମଧ୍ୟ ଦେଖିବାକୁ ମିଳେ। ସେହିପରି ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ପ୍ରମୁଖ ଘଟଣା ଥିଲା। ବୀର ବୈଷ୍ଣବ ପଟ୍ଟନାୟକ, ସାରଙ୍ଗଧର ଦାସ, ବାଜି ରାଉତ ପ୍ରମୁଖଙ୍କ ସ୍ୱାଧୀନତା ସଂଗ୍ରାମ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନରେ ଅତୁଳନୀୟ ଅବଦାନ ରହିଥିଲା। ସେହିପରି ପ୍ରାଚୀନ ଇତିହାସ ତଥା ସମରକବି ବ୍ରଜନାଥ ବଡ଼ଜେନାଙ୍କର ସମର କାବ୍ୟ ସମର ତରଙ୍ଗକୁ ଅବଲୋକନ କଲେ ଜଣାପଡେ, ସେହି ସମୟରେ ଦୁର୍ଦ୍ଧର୍ଷ ମରହଟ୍ଟା ଦଳକୁ ଢେଙ୍କାନାଳର ସୈନ୍ୟମାନେ କିଭଳି ଭାବେ ପରାଜିତ କରିଥିଲେ। ତେଣୁ ଇତିହାସ ହିଁ ଆମର ପରିଚୟ ବୋଲି ଜିଲାପାଳ କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ମାତୃଭାଷାକୁ ସମୃଦ୍ଧ କରିବା ଉପରେ ଆଲୋଚନା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଖବରଦାତା ଶ୍ରୀବାସ ନାୟକ, ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାପୁରୁଷମାନଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଓଡ଼ିଶା ସଙ୍ଗୀତ ପରିବେଷଣ କରାଯାଇଥିଲା। ସକାଳ ସାଢ଼େ ୭ଟାରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେହେରା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ବାଜି ରାଉତ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ୬ ପୋଲିସ କର୍ମଚାରୀ ପୁରସ୍କୃତ

ଢେଙ୍କାନାଳ ,୧।୪(ରତନ ନାୟାର)

ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆ ଠାରେ ସୋମବାର ୮୯ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଯୋଗଦେଇ ଅଭିଭାଷଣ ରଖିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ୬ ଜଣ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କୃତ କର୍ମଚାରୀମାନେ ହେଲେ ଟାଉନ ଥାନାର ଏସ୍‌ଆଇ ବିଷ୍ଣୁପ୍ରିୟା ରଣା, ନିହଲ ପ୍ରସାଦ ଥାନାର ଏଏସ୍‌ଆଇ ଅଞ୍ଜୁଲତା ନାୟକ, ରିଜର୍ଭ ଢେଙ୍କାନାଳ ହାବିଲଦାର ରଞ୍ଜନ ଗାଆଣ, ସରାଙ୍ଗ ଫାଣ୍ଡିର କନଷ୍ଟେବଲ ମଳୟ ରଞ୍ଜନ ପ୍ରଧାନ, ଏପିଆର୍ କନଷ୍ଟେବଲ ସିପ୍ରା ରାଣୀ ରାଉତ ଓ ରିଜର୍ଭ ଢେଙ୍କାନାଳ ଟ୍ରାଫିକ କନେଷ୍ଟବଲ ଗଣେଶର ରାଉତ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ ଓ ଏସ୍‌ଡିପିଓ ବିଭୂତି ମହାପାତ୍ର ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ସଦର ଥାନା ଅଧିକାରୀ ଦୀପକ କୁମାର ଲେଙ୍କା ଉପସ୍ଥିତ ଥିଲେ। ଶେଷରେ ୨ ଜଣ ପୋଲିସ କର୍ମଚାରୀ ଏସ୍‌ଆଇ କୁମ୍ଭକର୍ଣ୍ଣ ରାଉଳ ଓ ଏଏସଆଇ ବିଜୟ କୁମାର ନାଏକ ଅବସର ନେବାରୁ ତାଙ୍କୁ ଅତିରିକ୍ତ ଏସ୍‌ପି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।



ଟାଉନ ଥାନା ଏସ୍‌ଆଇ ବିଷ୍ଣୁପ୍ରିୟା ରଣାଙ୍କୁ ପୁରସ୍କୃତ କରାଯାଉଛି।

# ୫୦ତମ କଲର ବେଲ୍ଟ ପରୀକ୍ଷା

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ଟାଏକୋଣ୍ଡୋ ସଂଘ ତରଫରୁ ୫୦ତମ କଲର୍ ବେଲ୍ଟ ପରୀକ୍ଷା ମିନି ଷ୍ଟାଡିୟମ୍ ଠାରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଯୋଗଦାନ କରିଥିଲେ। ପ୍ରଶିକ୍ଷକ ଭାବେ କେନ୍ଦ୍ରାପଡା ଜିଲାର ଦୈତାରୀ ବେହେରା ଯୋଗ ଦେଇଥିଲେ। ଢେଙ୍କାନାଳର ସମ୍ପାଦକ ସାହିର ମହମ୍ମଦ ପରୀକ୍ଷା ପରିଚାଳନା କରିଥିଲେ। କୋଚ୍ ସିଲ୍‌ଭି ସାହିର ଏବଂ ବିଶ୍ୱଜିତ୍ ପଣ୍ଡା, ସାଇନା ସାହିର, ଶ୍ରୀୟାସ୍ମିତା ପାଣିଗ୍ରାହୀ ଓ ସିଦ୍ଧାର୍ଥ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଦୈତାରୀ ବେହେରାଙ୍କୁ ଢେଙ୍କାନାଳ ଟାଏକୋଣ୍ଡୋ ସଂଘର ପକ୍ଷରୁ ସମ୍ମାନିତ କରାଯାଇଥିଲା।



କଲର ବେଲ୍ଟ ପରୀକ୍ଷାରେ ଟାଏକୋଣ୍ଡୋ ପ୍ରତିଯୋଗୀମାନେ।

# ଲଉଡ଼ି ଖେଳ, ବାଜା ଓ ରୋଶଣିରେ କମ୍ପିଲା ସହର





ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ ଓ ଲଉଡି ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ଯାଦବ ମହାସଭା ପକ୍ଷରୁ ସ୍ଥାନୀୟ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସୋମବାର ସାତଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନ ୪ ଘଟିକାରେ ସ୍ଥାନୀୟ ଜୟଗୋପାଳସାହି ସ୍ଥିତ ରାଧାକୃଷ୍ଣ ମନ୍ଦିରଠାରୁ ରାଧାକୃଷ୍ଣ ବିମାନ ସହ ଯାଦବମାନଙ୍କ ଏକ ବିରାଟ ଲଉଡ଼ି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳରାମଜୀଉଙ୍କ ମନ୍ଦିର ପରିକ୍ରମା କରି ଜୁବୁଲି ଟାଉନସ୍ଥିତ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିରଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଲଉଡି ଖେଳ, ବାଜା ଓ ରୋଶଣିରେ ସହର କମ୍ପି ଉଠିଥିଲା। କରମୂଳ(ଖ), ଆମ୍ବପଡା, ଜର୍ଙ୍ଗିରା, ରଞ୍ଜା, କରମୂଳ(କ), କାଙ୍କଡପାଳ(ଖ), ଗହମଖୁଣ୍ଟି, କାଇମାଟି, ମଝିପାଳ, ଦୁଦୁକାଟେଣୀ ଆଦି ଗ୍ରାମରୁ ୧୦ ଗୋଟି ଲଉଡି ଦଳ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ରାତି ୮ ଘଟିକାରେ ଯଦୁପତି ବିହାର ପ୍ରାଙ୍ଗଣରେ ଆୟୋଜିତ ଲଉଡ଼ି ଖେଳରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲଉଡିଦଳ ଯୋଗଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ଯାଦବ ମହାସଭା ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ସଚିନ ଦାସ, ଲଉଡି ଯାତ୍ରା କମିଟି ସଭାପତି ବିଜୟ କୁମାର ବେହେରା, ଦେବୀପ୍ରସାଦ ଭୂତିଆ, ଶିଶିରକାନ୍ତ ବେହେରା, ବିଷ୍ଣୁ ପ୍ରସାଦ ବେହେରା, ଦେବାଶିଷ ବେହେରା, ପବନା ମହାଖୁଡ, ବିଜୟ କୁମାର ଦାସ, ଅକ୍ଷୟ କୁମାର ଭୋଇ, ସୁବ୍ରତ ବେହେରା, ଗଙ୍ଗାଧର ରାଉତ, ପ୍ରଶାନ୍ତ ଭୂତିଆ, ଶ୍ରୀକାନ୍ତ ଭୂତିଆ, ପୂର୍ଣ୍ଣଚନ୍ଦ୍ର ରାଉତ, ସନାତନ ବେହେରା, ସୌମ୍ୟରଞ୍ଜନ ଭୂତିଆ ଓ ସବ୍ୟସାଚୀ ମହାକୁଡ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା।

# ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧।୪(ରତନ ନାୟାର)

ଓଡ଼ିଶା ଦିବସ ଅବସରରେ ଢେଙ୍କାନାଳ ଶ୍ୟାମାଚରଣପୁର ଆଞ୍ଚଳିକ ବିକାଶ ସମିତି ତରଫରୁ ୨ଜଣ ବରିଷ୍ଠ ନାଗରିକ ତଥା କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି। ବିକାଶ ସମିତି ସଭାପତି ଯୋଗୀନାଥ ମହାନ୍ତି, ସମ୍ପାଦକ ପ୍ରସନ୍ନ କୁମାର ସାହୁ, ବରିଷ୍ଠ ସଭ୍ୟ ଅରୁଣ ମହାନ୍ତି, ପ୍ରଶାନ୍ତ ମିଶ୍ର ଓ ଅନ୍ୟ ସଭ୍ୟମାନେ ଦୁଇଜଣ ପୂର୍ବତନ ସମ୍ପାଦକ ଅବସରପ୍ରାପ୍ତ ପ୍ରଫେସର ରାମଚନ୍ଦ୍ର ଦାସ ଓ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ହୃଦାନନ୍ଦ ବରାଳଙ୍କ ବାସଭବନକୁ ଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଥିସହ ତାଙ୍କର ନିରାମୟ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ।



ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଜଳଛତ୍ର

ଢେଙ୍କାନାଳ,୧।୪(ରତନ ନାୟାର)

ଅତ୍ୟଧିକ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଢେଙ୍କାନାଳ ସହର ରଥଗଡ଼ା ଅଞ୍ଚଳରେ ସୋମବାର ଓଡ଼ିଶା ଦିବସ ପାଳନ ଅବସରରେ ସ୍ଥାନୀୟ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ଅସହ୍ୟ ତାତି ଓ ଗୁଲୁଗୁଲିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହି ଜଳଛତ୍ର ଦ୍ୱାରା ଉଠା ଦୋକାନୀ, ଗ୍ରାହକ ଓ ଯାତ୍ରୀମାନେ ଉପକୃତ ହେବେ। ପ୍ରତି ଗୁରୁବାର ଏହି ଜଳଛତ୍ର ସ୍ଥାନରେ ଦହି ସରବତ ବଣ୍ଟନ କରାଯିବ। ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଳଛତ୍ର ଖୋଲାଯିବା ସହିତ ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ କରାଯିବ। ରକ୍ତ ଅଭାବ ହେତୁ ଆସନ୍ତା ୭ ତାରିଖରେ ଟାଉନ ହଲ୍‌ଠାରେ ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ଅଧକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।



ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ କରାଯାଉଛି।

# ଏସ୍‌ଆଇ ଚନ୍ଦ୍ରକାନ୍ତଙ୍କୁ ଡିଜିପି ପ୍ରଶଂସାପତ୍ର

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ପଣ୍ଡୁଆ ଫାଣ୍ଡି ଅଧିକାରୀ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କୁ ସୋମବାର ଓଡ଼ିଶା ପୋଲିସ ମହା ନିର୍ଦ୍ଦେଶକଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଏକ ଉତ୍ସବରେ ପୋଲିସ ମହା ନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ତାଙ୍କୁ ଏହି ପଦକ ପ୍ରଦାନ କରିଥିଲେ। ଉତ୍କୃଷ୍ଟ ସେବା ପାଇଁ ୨୦୨୩-୨୪ ବର୍ଷ ନିମନ୍ତେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ସେ ଟାଉନ ଥାନା, ସଦର ଥାନାରେ ଏସ୍‌ଆଇ ଓ ଭାପୁର ଫାଣ୍ଡି ଅଧିକାରୀ ଭାବେ ବହୁ ଉଲ୍ଲେଖନୀୟ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ବର୍ତ୍ତମାନ ସେ ପଣ୍ଡୁଆ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି।



# କଟକର ରକ୍‌ଷ୍ଟାର ଚାମ୍ପିୟନ

## ତୃତୀୟ ଅଧିକାରୀ ସାମଲ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ମହାବୀର ବଜାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୨୫ ତାରିଖ ଠାରୁ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଚାଲିଥିବା ତୃତୀୟ ଅଧିକାରୀ ସାମଲ ମେମୋରିଆଲ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କଟକର ରକ୍‌ଷ୍ଟାର ଏକାଦଶ ଢେଙ୍କାନାଳର ସିଲଭର ଷ୍ଟାର ଏକାଦଶକୁ ପରାସ୍ତ କରି ଚଳିତବର୍ଷର ଚାମ୍ପିୟନ ହୋଇଛି। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ ଚାମ୍ପିୟନ ରକ୍‌ଷ୍ଟାର କଟକ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସିଲଭର ଷ୍ଟାର ଢେଙ୍କାନାଳ ଦଳକୁ ରନର୍ସଅପ୍ ଟ୍ରଫି ସହିତ ୫୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବିବେଚିତ ରକ୍‌ଷ୍ଟାର କଟକ ଦଳର ରୋହିତ ନନ୍ଦ, ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ଗୋଲଡି ସାହାଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ କଟକର ରକ୍‌ଷ୍ଟାର ଦଳ।

# ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

ଢେଙ୍କାନାଳ ,୧।୪(ରତନ ନାୟାର)

ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସହରସ୍ଥିତ ରଥଗଡାଠାରେ ଉଫୁନା କାର୍ଯ୍ୟାଳୟରେ ଅନୁଷ୍ଠାନର ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ବାହାଦୁର ପାଟସାହାଣୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ପ୍ରମୁଖ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ତରୁଣ ବିଶ୍ୱାଳ, ପୀତାମ୍ବର ସାହୁ, ଲଳିତ ମୋହନ ବେହେରା ଓ ଡ. ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ବ୍ୟାସକବି ଫକୀର ମୋହନ ସେନାପତି ଢେଙ୍କାନାଳ ଗଡ଼ଜାତରେ କାର୍ଯ୍ୟରତ ଥିବାବେଳେ ସେ ରହୁଥିବା ସ୍ଥାନରେ ପ୍ରତିଷ୍ଠା ହୋଇଥିବା ସ୍ମୃତି ସଦନ ପ୍ରତି ଅବହେଳା ପ୍ରଦର୍ଶନ କରାଯାଇଥିବାରୁ କଂଗ୍ରେସ ପକ୍ଷରୁ କ୍ଷୋଭବ୍ୟକ୍ତ କରାଯାଇ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧକ୍ଷ ଡା. ତୁଷାରକାନ୍ତି ନାୟକ, ସ୍ମିତାରାଣୀ ସାମଲ, ବେଣୁଧର ସାହୁ, ଫକିର ମୋହନ ବେହେରା ଓ ସନାତନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା, ଆମ ସମ୍ମାନର ପ୍ରତିଷ୍ଠାତା ଏମ୍‌ପି ମହେଶ ସାହୁଙ୍କ ପରାମର୍ଶରେ ଓଡ଼ିଶା ଦିବସ ଅବସରରେ ସଭାପତି ପ୍ରିୟରଞ୍ଜନ ମାହୁନ୍ତ ଓ ରୁଦ୍ରାନ୍ତ ଦଳେଇଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଢେଙ୍କାନାଳ ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।





ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଉଛି।

# ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ

## ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,୧।୪(ଅମିତ କୁମାର ସାମଲ)



ପବିତ୍ର ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ସୋମବାର ଅନୁଗୋଳରେ ନିର୍ବାଚନ ଆଚରଣ ବିଧି ମୁତାବକ ପାଳିତ ହୋଇଯାଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ପରେ ଜିଲାପାଳ ସ୍ଥାନୀୟ ସଭାଘରସ୍ଥିତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ଓ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଗାନ୍ଧୀ ପାର୍କଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସହରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ରାଧାମୋହନ ଗଡ଼ନାୟକ, ବିଜୁ ପଟ୍ଟନାୟକ, ରାଜା ସୋମନାଥ ସିଂ ଜଗଦେବ, ଡ. ଭୀମରାଓ ଆମ୍ବେଡକର, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଏବଂ ବାଜି ରାଉତ ଛାତ୍ରାବାସ ଠାରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଡାକବାଜି ଯନ୍ତ୍ର ଯୋଗେ ବଜାଯାଇ ସହର ପରିକ୍ରମା କରାଯାଇଥିଲା। ଏହି ଦିବସ ପାଳନ ସମାରୋହରେ ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସଭାପତି ଡ. ଧରଣୀଧର ନାଥ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା।

# ଆଜିଠୁ କେନ୍ଦ୍ରମନ୍ତ୍ରୀଙ୍କ ୪ ଦିନିଆ ଅନୁଗୋଳ ଗସ୍ତ

ଅନୁଗୋଳ,୧।୪(ଅମିତ କୁମାର ସାମଲ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨ ତାରିଖ ମଙ୍ଗଳବାର ଠାରୁ ୪ ଦିନିଆ ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ୨ ତାରିଖ ମଧ୍ୟାହ୍ନ ୧୨ ଟାରେ କେନ୍ଦ୍ରମନ୍ତ୍ରୀ ତାଳଚେର ଦିନଦୟାଲ ନଗରରେ ପହଞ୍ଚିବେ। ସେଠାରୁ ଅପରାହ୍ନ ୨ ଟାରେ କଣିହାଁ ବ୍ଲକ ଗସ୍ତ କରି ନାଳମ ଗ୍ରାମରେ ପ୍ରଭୁ ନୃସିଂହ ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ସେଠାରୁ ଅନୁଗୋଳ ଯାଇ ରାତ୍ରିଯାପନ କରିବେ। ୩ ତାରିଖରେ ଅନୁଗୋଳ ଭାଜପା କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ୪ ତାରିଖରେ ଜିଲା ଭାଜପା କାର୍ଯ୍ୟାଳୟରେ ଦିନତମାମ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅନୁଗୋଳରେ ରାତ୍ରିଯାପନ କରିବା ସହ ୫ ଏପ୍ରିଲରେ ବଇଣ୍ଡାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବଲପୁର ଯାଇ ରାତ୍ରିଯାପନ କରିବେ। କେନ୍ଦ୍ରମନ୍ତ୍ରୀଙ୍କ ଉକ୍ତ ଗସ୍ତ କାର୍ଯ୍ୟକ୍ରମ ପାଇଁ ଭଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

# ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ

ପାଲଲହଡ଼ା,୧।୪ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ୪ ଘଟିକା ସମୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର କରାଯାଇଥିଲା। ସକାଳ ସାଢ଼େ ୭ ଘଟିକାରେ ସଦରମହକୁମାସ୍ଥିତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀ ମାଲ୍ୟାର୍ପଣ କରିଥିଲେ। ସକାଳ ୮ଟା ୩୦ରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଉପଜିଲାପାଳ ସୁଶାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା, ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ଶୁଭଶ୍ରୀ ଟୁଡୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଲୋକସମ୍ପର୍କ ଅଧିକାରୀ ତରୁଣ କାନ୍ତି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ହରିହର ବେହେରା ସହଯୋଗ କରିଥିଲେ।




ପାଲଲହଡ଼ା ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯାଉଛି।

# ନିଃସ୍ୱାର୍ଥପର କାର୍ଯ୍ୟଶୈଳୀ ଉପରେ ଆଲୋକପାତ

ଅନୁଗୋଳ,୧।୪(ଅମିତ କୁମାର ସାମଲ)

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ସଭାପତିତ୍ୱ କରିଥିବା ବେଳେ ମୋ ସ୍କୁଲ ଅଭିଯାନ କମିଟି ତରଫରୁ ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ତ୍ରେତାନନ୍ଦ ସାମନ୍ତ, ନୀର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଅତିଥିମାନେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଏବଂ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବରପୁତ୍ରମାନଙ୍କ ନିଃସ୍ୱାର୍ଥପର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ନିରୋଦ କୁମାର ସେନାପତି, ନିରୁପମା ସାହୁ, ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ, ବବିତା ସାହୁ, ବିନୋଦିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଶିକ୍ଷକ ନିରୋଦ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ଓଡ଼ିଶାକୁ ସମୃଦ୍ଧ କରିବାକୁ ଆହ୍ୱାନ



ତାଳଚେର,୧।୪(ମନୋଜ ନନ୍ଦ)

ତାଳଚେର ଉପଖଣ୍ଡରେ ଓଡ଼ିଶା ଦିବସ ୨୦୨୪ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରାଡ଼ମ୍ବର ଭାବରେ ସ୍ଥାନୀୟ ଡିସିଆଇ କ୍ଲବ ପରିସରରେ ପାଳିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟୀ ଚେତନା ଦାଶ, ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର, ଆସିଷ୍ଟାଣ୍ଟ କଲେକ୍ଟର ନିବେଦିତା ନାଏକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପିତା ମଧୁମତୀ ଦେହୁରୀ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଭୋର ୬ଟା ୩୦ରୁ ପ୍ରଭାତ ଫେରି କାର୍ଯ୍ୟକ୍ରମ ସହ ତାଳଚେର ଅଞ୍ଚଳରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ଓଡ଼ିଶା ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ ସହ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ।

# ଓଡ଼ିଶା ଦିବସ ତାତ୍ପର୍ଯ୍ୟ ଉପରେ ଆଲୋକପାତ

ଅନୁଗୋଳ,୧।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋନଗର ସରସ୍ୱତୀ ବିଦ୍ୟାମନ୍ଦିର ଠାରେ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ସୋମବାର ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ବିଦ୍ୟାଳୟ ସମ୍ପାଦକ ପ୍ରଭାତ କୁମାର ଧର, ସ୍ନିଗ୍ଧାରାଣୀ ମିଶ୍ର, ପ୍ରଫୁଲ୍ଲ କୁମାର ଅରଖ, ଉଦ୍ଧବ ପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ. ବେହେରା ଓ ସମ୍ପାଦକ ଧର କହିଥିଲେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ଗୌରବ ଗାଥା, ଗାରିମା, ଐତିହ୍ୟ ଓ ସଂସ୍କୃତିର ମାନ୍ୟତା, ପବିତ୍ରତାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଆଜିର ଦିନରେ ଆମେ ସମସ୍ତେ ସଙ୍କଳ୍ପ କରିବା ସହ ନିଷ୍ଠାର ସହ ଓଡ଼ିଶାକୁ ଭଲ ପାଇବା। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଉପାଧ୍ୟକ୍ଷ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ସଫଳତା ଦିଗରେ ଶିକ୍ଷକ ସୁଶାନ୍ତ ତ୍ରିପାଠୀ, ଦେବରାଜ ମୂଳିଆ, ଶ୍ରୀବସ୍ତ ଖୁଣ୍ଟିଆ, ଚନ୍ଦ୍ରଶେଖର ବେହେରାଙ୍କ ସମେତ ସମସ୍ତେ ସହଯୋଗ କରିଥିଲେ।



# ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା,୧।୪(ପରିକ୍ଷିତ ସାହୁ)

ଚଳିତ ବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷା ଦେଇ ଉତୀର୍ଣ୍ଣ ହୋଇଥିବା ବଇଣ୍ଡା ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ କଦଳୀମୁଣ୍ଡାଠାରେ ଅଲେଖ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଖବରଦାତା ପରିକ୍ଷିତ ସାହୁ, ଦୀପକ ସାହୁ, ବାବୁଲାଲ ସାହୁ, ଟଙ୍କଧର ସାହୁ, ସାରଥି ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଜଗଦୀଶ ପ୍ରଧାନ, ଆରିୟନ ପ୍ରଧାନ, ରାହୁଲ ସାହୁ, ତୃପ୍ତୀମୟ ପ୍ରଧାନ, ପ୍ରିୟାଂଶିପ୍ରିୟ ଦର୍ଶନୀ ସାହୁ, ନଦ୍ୟାସ୍ମିତା ସାହୁ, ପ୍ରବୀଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିକ୍ଷକ ଦୀପକ ସାହୁ, ସରୋଜ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷରେ ପହଞ୍ଚି ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଅନୁଗୋଳ,୧।୪ (ଅମିତ କୁମାର ସାମଲ)

ବଁଅରପାଳ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଗୋତମରା ଅଞ୍ଚଳର ବିଶ୍ୱମ୍ବର ଭୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୪/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ବିଶ୍ୱମ୍ବରଙ୍କ ପୁଅ ଶଶୀଧାନ୍ତ ଭୋଳ ଓ ଗୋତମରା ଅଞ୍ଚଳର ଦିଗାମ୍ବର ସାମଲ ଏକ ଡିଜେରେ କାର୍ଯ୍ୟ କରୁଥିଲେ। ତେବେ ଶଶୀଧାନ୍ତ ତାଙ୍କ ମୋଟରସାଇକେଲ (ନଂ ଓଡି ୧୯ ଡି ୮୩୭୭)ରେ ଯାଉଥିବା ସମୟରେ ଦିଗାମ୍ବର ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦିଗାମ୍ବର ଏକ ମାରଣାସ୍ତ୍ରରେ ଶଶୀଧାନ୍ତଙ୍କୁ ଆକ୍ରମଣ କରିଥିଲେ। କୌଶଳକ୍ରମେ ଶଶୀଧାନ୍ତ ଘଟଣାସ୍ଥଳରୁ ଖସିଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବଁଅରପାଳ ଥାନାର ଏସ୍‌ଆଇ ଅର୍ଚ୍ଚନା ନାୟକ ଅନୁଗୋଳ ଜିଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ବିବେଚିତ ହୋଇଛନ୍ତି। ସୋମବାର ଛେଳିଆପଡ଼ାସ୍ଥିତ ପୋଲିସ ରିଜର୍ଭ ପଡ଼ିଆଠାରେ ଓଡ଼ିଶା ପୋଲିସର ୮୯ତମ ପ୍ରତିଷ୍ଠା ଦିବସ ଅବସରରେ ଏସ୍‌ଆଇ ନାୟକଙ୍କୁ ପୁରସ୍କୃତ କରାଯାଉଛି। ନିକଟରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ଅଛନ୍ତି।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ବଁଅରପାଳ/ଅନୁଗୋଳ,୧।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ ଗ୍ରାମରେ ମା' ଫାଉଣ୍ଡେଶନ ତରଫରୁ ଦିଲୀପ କୁମାର ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ତଳମୂଳ ଶାସନ ଧବଳେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ ଚେୟାରମ୍ୟାନ ଅମ୍ବିକା କୁମାର ଲେଙ୍କା ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଥିଲା। ଏହି ଶିବିରକୁ ତଳମୂଳ ଶାସନ ସରପଞ୍ଚ ଶିବାନୀ ଶତପଥୀ ଏବଂ ତଳମୂଳପାଟଣା ସରପଞ୍ଚ ସୋନାଲି ମହାପାତ୍ର ଏବଂ ନିଖିଳ ଓଡ଼ିଶା ସମାଜସେବୀ ମହାସଂଘ ଉପାଧ୍ୟକ୍ଷ ଆଡଭୋକେଟ ମନୋଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଡାକ୍ତର ଦେବୀଦତ୍ତ ପଣ୍ଡା ଏବଂ ଡାକ୍ତର ତପୋନିଧି ମହାପାତ୍ର ଉପସ୍ଥିତ ରହି ପ୍ରାୟ ୫୦୦ ରୋଗୀଙ୍କ ଚିକିତ୍ସା କରିଥିଲେ। କୌଶଲ୍ୟା ସାହୁ, ପ୍ରବୀଣ ସାହୁ, ପ୍ରୀତମ ସାହୁ, କାଜଲ ଦାସ, ଶୁଭଲକ୍ଷ୍ମୀ ନାଥ, ଶ୍ରୀକୃଷ୍ଣ ସାହୁ, ଆରତୀ ନାୟକ, କେତକୀ ମହାରଣା, ସରିତା ସାମଲ, କାଳନ୍ଦୀ ଚରଣ ନାଥ, ବୀରଞ୍ଚି ନାରାୟଣ ଦାସ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ବରପୁତ୍ରଙ୍କ ଜୀବନାଦର୍ଶକୁ ଯୁବପିଢ଼ି ଗ୍ରହଣ କରନ୍ତୁ






ଆଠମଲ୍ଲିକ,୧।୪ (ଉଦୀପ୍ତ ପୁରୋହିତ) / ବଇଣ୍ଡା, (ପରିକ୍ଷିତ ସାହୁ)

ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକ ଉପଖଣ୍ଡରେ ପ୍ରଶାସନ ତରଫରୁ ଓଡ଼ିଶା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସଭାଗୃହରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ପଠାଣି ସାମନ୍ତଙ୍କ ଦାରା ରଚିତ ସିଦ୍ଧାନ୍ତ ଦର୍ପଣ ପୁସ୍ତକ ପ୍ରକାଶନରେ ଆଠମଲ୍ଲିକ ରାଜା ମହେନ୍ଦ୍ର ଦେଓଙ୍କ ସାହାଯ୍ୟ ଓ ସହଯୋଗ ଥିଲା ବୋଲି ବକ୍ତବ୍ୟ ରଖିବା ସହିତ ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନେଇଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ବୀର ସୁରେନ୍ଦ୍ର ସାଏଙ୍କ ଜୀବନ ଆଦର୍ଶକୁ ଆଜିର ଯୁବପିଢ଼ି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ତହସିଲଦାର ଶ୍ୟାମସୁନ୍ଦର ସାହୁ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ତଥା ଅଞ୍ଚଳର ଜଣାଶୁଣା କବି ଦେବରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ପ୍ରାତଃ ୫ଟାରେ ବନ୍ଦେ ଉତ୍କଳ ଜନନୀ ଡାକବାଜି ଯନ୍ତ୍ର ଯୋଗେ ସହରରେ ପ୍ରସାରଣ କରାଯାଇଥିଲା। ସକାଳ ୭ ଟାରେ ପ୍ରଶାସନ ତରଫରୁ ଉପଜିଲାପାଳ ପାତ୍ରଙ୍କ ସମେତ ସହକାରୀ ଜିଲାପାଳ ତନ୍ମୟ ରଞ୍ଜନ ପାତ୍ର, ଡେପୁଟି କଲେକ୍ଟର ପ୍ରଭୁପିୟାସ ମହାପାତ୍ର, ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଓକିଲ ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି ପ୍ରମୁଖ ଗାନ୍ଧୀ ପାର୍କସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ, ମାନଜୋର ଛକ ସ୍ଥିତ ଡ. ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି, କଚେରୀ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ଓକିଲ ସଂଘ କାର୍ଯ୍ୟାଳୟ ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତି, ମହେନ୍ଦ୍ର ଉଚ୍ଚବିଦ୍ୟାଳୟ ଓ ପୁରୁଣାମାଣତ୍ରି ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଓଡ଼ିଶା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମାଜକୁ ବିଭିନ୍ନ ବାର୍ତ୍ତାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଉପଜିଲାପାଳ ଡ. ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟ ବର୍ଜନ କରିବେ ଝାଞ୍ଜିରିବେରଣାବାସୀ

କାମାକ୍ଷାନଗର,୧।୪(ସୁଧୀର ପରିଡ଼ା)



ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କେରଜୁଳି ପଞ୍ଚାୟତ ଝାଞ୍ଜିରବେରେଣା ଗ୍ରାମବାସୀ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକକୁ ଅନ୍ୟ ବିକଶିତ ଅଞ୍ଚଳ ଭଳି ବିକାଶ କ୍ଷେତ୍ରରେ ଆଗେଇ ନେବା ପାଇଁ ସରକାରଙ୍କ ତରଫରୁ ଏହି ବ୍ଲକକୁ ଆକାଂକ୍ଷା ବ୍ଲକ ଭାବେ ମନୋନୀତ କରାଯାଇଛି। ପ୍ରଶାସନିକ ଉଚ୍ଚ ଅଧିକାରୀମାନେ ବାରମ୍ବାର ଆସି ସମୀକ୍ଷା ବୈଠକ କରୁଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ବ୍ଲକ ସଦର ମହକୁମାଠାରୁ ୧୫ କି.ମି ଦୂରରେ ଅବସ୍ଥିତ ଆଦିବାସୀ ଅଧ୍ୟୁଷିତ କେରଜୁଳି ପଞ୍ଚାୟତର ଝାଞ୍ଜିରିବେରଣା ଗାଁ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ। ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଏଠାରେ ପଡୁ ନ ଥିବାରୁ ୮୨ ପରିବାର ବାସ କରୁଥିବା ଏହି ଗାଁର ବିକାଶ ହୋଇପାରୁ ନାହିଁ। ତେଣୁ ଏହାର ପ୍ରତିବାଦରେ ଭୋଟ ବର୍ଜନ କରିବାକୁ ଗ୍ରାମ ସଭାପତି ଗୋବର୍ଦ୍ଧନ ପ୍ରଧାନଙ୍କ ନେତୃତ୍ୱରେ ବୈଠକ କରି ଗ୍ରାମବାସୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଗାଁକୁ ରାସ୍ତା ନାହିଁ ତ ଭୋଟ ନାହିଁ, ବିଦ୍ୟୁତ୍ ନାହିଁ ତ ଭୋଟ ନାହିଁ, ଗାଁରେ ଖେଳ ପଡିଆ ନାହିଁ ତ ଭୋଟ୍ ନାହିଁ, ଗାଁରେ ଲକ୍ଷ୍ମୀ ବସ୍ ଯୋଜନା ନାହିଁ ତ ଭୋଟ ନାହିଁ ଜିଦ୍‌ରେ ଅଟଳ ଅଛନ୍ତି ଗ୍ରାମବାସୀ। ଜିଲା ପ୍ରଶାସନ ପକ୍ଷରୁ ଗାଁରେ ଥିବା ସମସ୍ତ ମୌଳିକ ସମସ୍ୟାର ସମାଧାନ କରା ନ ଗଲେ ଗଣତନ୍ତ୍ରର ଏହି ମହାନ ପର୍ବରେ ଗ୍ରାମବାସୀ ଭାଗ ନେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ଏକ ପୋଷ୍ଟର ଧରି ଗାଁର ମୌଳିକ ସମସ୍ୟା ଦାବି ନେଇ ନାରା ଦେଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କଙ୍କଡ଼ାହାଡ ବିଡିଓ ଯଶୋବନ୍ତ ଦେହୁରୀ କହିଛନ୍ତି, ପ୍ରଶାସନ ନିକଟକୁ ଏପରି ଅଭିଯୋଗ ଆସିନାହିଁ। ଅଭିଯୋଗ ପାଇଲେ କି ସମସ୍ୟା ଅଛି ଓ ତାହାର କିଭଳି ସମାଧାନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ।

## ପିଇଓଙ୍କୁ ନିଲମ୍ବନ କଲେ ଜିଲାପାଳ

### ଆଚରଣ ବିଧି ଉଲ୍ଲଂଘନ

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାଇନୃସିଂହପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ଅନିଲ କୁମାର ସାହୁଙ୍କୁ ଗତ ୨୭ ତାରିଖରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଲମ୍ବନ କରିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ସମ୍ପର୍କରେ କାମାକ୍ଷାନଗର ଉପଜିଲାପାଳ ପତ୍ର ସଂଖ୍ୟା-୩୩୩, ତା. ୨୪।୦୩।୨୦୨୪ରେ ଜିଲାପାଳଙ୍କୁ ଜଣାଇଥିଲେ। ଏହାକୁ ଭିତ୍ତିକରି ଜିଲାପାଳ ୨୭।୦୩।୨୦୨୪ରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ କୁମାର ସାହୁଙ୍କୁ ନିଲମ୍ବନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ଢେଙ୍କାନାଳ ସଦର ମହକୁମାରେ ଥିବା ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

## ବିଦ୍ୟାରମ୍ଭ ଯଜ୍ଞ, ଓଡ଼ିଶା ଦିବସ



ଓଡ଼ାପଡ଼ା,୧।୪(ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଳପୁରରେ ପ୍ରଥମ ଦିନୋତ୍ସବ, ବିଦ୍ୟାରମ୍ଭ ଯଜ୍ଞ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡାପଡା ସଂକୁଳ ପୂର୍ବତନ ସଂକୁଳ ପ୍ରମୁଖ ଘନଶ୍ୟାମ ସାମଲ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଶ ପ୍ରସାଦ ଦାଶ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶଚନ୍ଦ୍ର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ତିଲୋତ୍ତମା ନାଏକ ଧନ୍ୟବାଦ ଦେଇଥିଲେ। ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ।

## ୫୦ ଲିଟର ମହୁଲି ଜବତ, ୨ ଗିରଫ

କଣିହାଁ,୧।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୋଲିସ ସୋମବାର ଏନ୍‌ଟିପିସି ଆମ୍ବପାଳ ଲେବୁଲ୍ କ୍ରସିଂ ନିକଟରୁ ଟୋଲକବେଡା ହଟିଂରେ ରହୁଥିବା କୃଷ୍ଣ ଖୁଣ୍ଟିଆ (୩୦)ଙ୍କ ଠାରୁ ୪୦ ଲିଟର ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେହିପରି ଆମ୍ବପାଳ ଗ୍ରାମର ଅରୁଣ ନାଏକ(୪୦)ଙ୍କ ଘରୁ ୧୦ ଲିଟର ମଦ ଜବତ କରାଯାଇଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ପୋଲିସ ୨ଟି ମାମଲା ରୁଜୁ କରିଛି।

## ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ

କାମାକ୍ଷାନଗର,୧।୪(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଉତ୍କଳର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳର ବରପୁତ୍ରଙ୍କ ଭୂମିକା ଉପରେ ଶିକ୍ଷୟିତ୍ରୀଶିକ୍ଷକମାନେ ଆଲୋଚନା କରିଥିଲେ। ଶିକ୍ଷକ ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ବାନାର୍ଜୀ ମହାନ୍ତି, ନିରଞ୍ଜନ ସାହୁ, ପ୍ରହଲ୍ଲାଦ ସାହୁ, ବସନ୍ତ ସାହୁ, ସୌଭାଗ୍ୟ ସାହୁ , ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ, ଗିତା ମହାପାତ୍ର, ସୁମିତ୍ରା ଜେନା, ଜୟସ୍ମିତା ରାଉତ, କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## କଳିଙ୍ଗା ପଞ୍ଚଦୋଳ ମହୋତ୍ସବ ଉଦ୍‌ଯାପିତ

ରାସୋଳ,୧।୪(ସରୋଜ ମିଶ୍ର)



ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ କଳିଙ୍ଗା ଓ ପାଳଚକଡ଼ା ଗ୍ରାମ ପକ୍ଷରୁ ମିଳିତ ଭାବରେ ପଞ୍ଚଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଦୁଇ ଗ୍ରାମ ପକ୍ଷରୁ ଦୀର୍ଘବର୍ଷ ଧରି ଦୋଳପୂର୍ଣ୍ଣିମା, ପଞ୍ଚଦୋଳ ଓ ଗ୍ରାମ ଦେବତା ଶ୍ରୀ ଶ୍ରୀ ବାଙ୍କବିହାରୀ ଜୀଉ (ରାଧା ଓ କୃଷ୍ଣ)ଙ୍କ ଦୋଳ ଉତ୍ସବ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ମହୋତ୍ସବ ୧୦ ଦିନ ଧରି ପାଳନ କରାଯାଇଥିଲା। ଫଗୁଦଶମୀଠାରୁ ଭିତର ଫଗୁପରେ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ଦିନ ଧରି ଆଖପାଖ ଗ୍ରାମକୁ ଦୋଳଗୋବିନ୍ଦଙ୍କୁ ସୁସଜ୍ଜିତ ମଦନମୋହନ ବିମାନରେ ଆରୋହଣ କରାଯାଇ ଚାଞ୍ଚେରୀ ଗହଣରେ ଗ୍ରାମ ପରିକ୍ରମା କରାଯାଇଥିଲା। ଦୋଳପୂର୍ଣ୍ଣିମାରେ ଠାକୁରଙ୍କ ଝୁଲଣ ସିଂହାସନ ଦୋଳମଣ୍ଡପ ଝୁଲଣାରେ ଅବିର ବୋଳା ବେଶ ଶ୍ରଦ୍ଧାଳୁମାନେ ଉପଭୋଗ କରିବା ସହିତ ବିଭୁକୃପା ଲାଭ କରୁଥିଲେ। ପରେ ଷୋଡଷ ଉପଚାର ପୂଜା ହୋମଯଜ୍ଞ କରାଯାଇ ପରମ୍ପରା ଅନୁଯାଇ ନୂତନ ପାଞ୍ଜି ପଠନ କରାଯାଇଥିଲା। ସନ୍ଧ୍ୟାରେ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା। ଦୋଳ ପୂର୍ଣ୍ଣିମା ପରେ ପଞ୍ଚଦୋଳ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ସନ୍ଧ୍ୟାରେ ଠାକୁରଙ୍କୁ ବିମାନରେ ଘଣ୍ଟ, ଘଣ୍ଟା, ଢୋଲବାଦ୍ୟ, ଲଉଡିଖେଳ, ସଂକୀର୍ତ୍ତନ ମଣ୍ଡଳୀ, ମୟୂର ନୃତ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ପଞ୍ଚଦୋଳ ଦିନ ଘରେ ଘରେ ପଣା ଭୋଗ ଲଗାଯାଇଥିଲା। କେନ୍ଦୁଝର ଜିଲା ଆନନ୍ଦପୁରର ପାଲା ଗାୟିକ ବାଣୀଭୂଷଣ ପ୍ରଭାକର ପାଣି ଓ ପୁରୀ ଜିଲା ବ୍ରହ୍ମଗିରିର ସୁନାମଧନ୍ୟ ଗାୟକ ଭାର୍ଗବ ହିମାଂଶୁ କୁମାର ବରାଳ ୫ ଦିନ ଧରି ବାଦ ପାଲା ପରିବେଷଣ କରିଥିଲେ। ମେଳଣ ପଡିଆରେ ମାଳତି ମୁଣ୍ଡିଆ, ଠେଙ୍ଗା, ବୁହାଳିପାଳ, ନାଉକିଆରୀ, ଆଦି ଗ୍ରାମର ବିମାନ ଆରୋହଣ କରି ରାଧାକୃଷ୍ଣଙ୍କ ମହାମିଳନ ଅନୁଷ୍ଠିତ ହୋଇଥିଲା। ରବିବାର ହୋଲି ଖେଳ ଆୟୋଜନ କରାଯାଇଥିଲ। ଗ୍ରାମ ସଭାପତି ଗିରିଶ ପାଳ ଓ ସମ୍ପାଦକ ଜୟନ୍ତ ସରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଗ୍ରାମର ଯୁବପିଢି ଓ ଫାଇଟର କ୍ଲବ କଳିଙ୍ଗାର ଯୁବକମାନେ ସହଯୋଗ କରିଥିଲେ। ରାସୋଳ ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ

କାମାକ୍ଷାନଗର,୧।୪(ସୁଧୀର ପରିଡ଼ା)

କାମାକ୍ଷାନଗର ସହରରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲ ପରିସର, ଗାନ୍ଧୀ ମନ୍ଦିର ଓ ଗୋପବନ୍ଧୁ ପାର୍କରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବ୍ଲକ ସଭାଗୃହରେ ଏକ ସଭା ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଡ଼ିଓ ଅବିନାଶ ପାଣ୍ଡିଆ, ସହକାରୀ ଜିଲାପାଳ ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ପ୍ରତିମୂର୍ତ୍ତି, ପ୍ରତିଚ୍ଛବିରେ ମାଲ୍ୟାର୍ପଣ



କଣିହାଁ,୧।୪(ସଚ୍ଚିଦାନନ୍ଦ ପ୍ରଧାନ)

ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧାପକ ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ନିର୍ଭୟ କୁମାର ପାଣି ପ୍ରମୁଖ ଯୋଗଦେଇ ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଓ ଓଡ଼ିଶାର ବରପୁତ୍ର ମଧୁସୂଦନ ଦାସଙ୍କ ପ୍ରତିଚ୍ଛବିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଗାଳ୍ପିକ ସିଦ୍ଧି ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବି ଲକ୍ଷ୍ମଣ ସାହୁ, ବିଜୟ ସାହୁ, ବୁଦ୍ଧଦେବ ସେଠୀ, ଗୋଦାବରୀ ଗଡନାୟକ, ଜସ୍ମିନ ପ୍ରଧାନ, ଋଷଭ ବେହେରା ଓ ଝରଣା ବାରିକ ପ୍ରମୁଖ ଓଡ଼ିଆର ସଭ୍ୟତା ଓ ସଂସ୍କୃତି ଉପରେ ସ୍ୱରଚିତ କବିତା ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ବିଦ୍ୟାଳୟର ଶିକ୍ଷକ ଦୀପକ ମଲ୍ଲିକ, ସନ୍ତୋଷିନୀ ସାହୁ, ଜଗାଶ୍ରିତା ସାହୁ, ଭୀମସେନ ସାମଲ, ଅମିତା ଦେହୁରୀ, ଇନ୍ଦ୍ରଜିତ ପ୍ରଧାନ ତଥା ଛାତ୍ରୀ ପାୟଲ ମିଶ୍ର, ସୋହନା ସାହୁ, ପ୍ରିୟଦର୍ଶିନୀ ସାହୁ, ଦେବସ୍ମିତା ବିଶାଳ, ପାୟଲ ମିଶ୍ର ଓ ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ଭୀମସେନ ସାମଲ ଧନ୍ୟବାଦ ଦେଇଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳ ହାତିଆଦଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରାଙ୍କ ଅଧକ୍ଷତାରେ ଉତ୍କଳ ଦିବସ ପାଳିତ ହୋଇଥିଲା।

## ନିଆଁ ଲାଗି ଜଳିଗଲା ହାଇୱା



ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କାମାକ୍ଷାନଗର ରୋଡ୍ ବାଇପାସ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ଟା ୧୦ରେ ଏକ ହାଇୱା (ନଂ. ଓଡି.୩୫-ଏ-୯୮୭୭)ରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବ୍ୟାଟେରୀରେ ସର୍ଟ୍‌ସର୍କିଟ୍ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଉକ୍ତ ହାଇୱା ସ୍ଥାନୀୟ ଗୁରୁଜାଙ୍ଗ ଗ୍ରାମର ପଙ୍କଜ କୁମାର ବିଶ୍ୱାଳଙ୍କର ବୋଲି ଜଣାପଡ଼ିଛି।

## କିଶୋରନଗରରେ ଓଡ଼ିଶା ଦିବସ ପାଳିତ

ବଇଣ୍ଡା,୧।୪(ପରିକ୍ଷିତ ସାହୁ)



ଅନୁଗୋଳ ଶାଖା ଓ କଳ୍ପତରୁ ଆନୁକୁଲ୍ୟରେ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ କିଶୋରନଗରଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା ସଭାପତି ଡ. ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ. ଧରଣୀଧର ନାଥ, ମୁଖ୍ୟ ବକ୍ତା ଡ. ନନ୍ଦ କିଶୋର ମହାକୁଡ଼, ସମ୍ମାନିତ ଅତିଥି ଭାବେ ଇଂ ଧନେଶ୍ୱର ସାହୁ, ଶିକ୍ଷାବିତ୍ ଅରୁଣ କୁମାର ବିଶ୍ୱାଳ ଓ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଅଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। 'କଳ୍ପତରୁ' ସଭାପତି ସୁଧୀରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ରଞ୍ଜିତ ସାହୁ ଅତିଥି ପରିଚୟ ଦେଇଥିଲେ। ଡ. ଅଲେଖ କୁମାର ପ୍ରଧାନଙ୍କ ଦ୍ୱିତୀୟ ପୁସ୍ତକ 'କିଛି କଥା କିଛି ବ୍ୟଥା' ଅତିଥିମାନେ ଉନ୍ମୋଚିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିବରାମ ମିଶ୍ର, ରାଜକିଶୋର ଷଡ଼ଙ୍ଗୀ, ରଞ୍ଜିତ ପ୍ରଧାନ, ପାୟଲ ପଟେଲ, ପ୍ରିୟଦର୍ଶିନୀ ଦାସ, ଲିପିକା ମହାପାତ୍ର ଓ ହରିହର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଦ୍ୱିତୀୟ ଅଧିବେଶନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ବିରଞ୍ଚି ନାୟକ, ଡ. ଅରୁଣ ପ୍ରଧାନ, ସୁଦର୍ଶନ ଛୋଟରାୟ, ସ୍ନିଗ୍ଧା ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିଥିମାନଙ୍କୁ ଉପହାର ଭାବେ ଚାରା ପ୍ରଦାନ କରାଯାଇଥିଲା। ଦେବରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ଢେଙ୍କାନାଳ,୧।୪(ରତନ ନାୟାର)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମେରାମଣ୍ଡଳି ନିକଟରେ ଥିବା ରେଙ୍ଗାଳି ଦକ୍ଷିଣପାର୍ଶ୍ୱ କେନାଲରୁ ସୋମବାର ସକାଳେ ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳ ନ ଥିବା ବେଳେ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ମୃତକଙ୍କ ବୟସ ଆନୁମାନିକ ପ୍ରାୟ ୪୦ ବର୍ଷ ହେବ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଥିବା କଣ୍ଟାବଣିଆ ଥାନା ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ ସୂଚନା ଦେଇଛନ୍ତି।



ଫଟୋରେ ଖବର: ଆଠମଲ୍ଲିକ ବ୍ଲକ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ବାଟିକା ବିଭାଗର ପ୍ରଥମ ଦିନୋତ୍ସବ କାର୍ଯ୍ୟକ୍ରମ ତଥା ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହେଉଛି।

## ବରେଣ୍ୟଙ୍କ ପରି ଜୀବନକୁ ଗଢ଼ି ତୋଳ




ଛେଣ୍ଡିପଦା,୧।୪(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଏସ୍‌ପି ସିଭିଲର ଡେପୁଟି ମ୍ୟାନେଜର ବିକ୍ରମ ଶତପଥୀ, ସମ୍ମାନିତ ଅତିଥି ଭାବେ ଜେଏସ୍‌ପି ସିଏସ୍‌ଆର୍ ଡେପୁଟି ମ୍ୟାନେଜର ତାପସ ମହାନ୍ତି ଉପସ୍ଥିତ ରହି ଉତ୍କଳର ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ବରେଣ୍ୟ ଉତ୍କଳୀୟମାନଙ୍କ ଜୀବନକୁ ଆଧାର କରି ନିଜ ଜୀବନକୁ ଗଢି ତୋଳିବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଶିକ୍ଷକ ଚିତ୍ତ ରଞ୍ଜନ ଦାସ କବିତା ପାଠ କରିଥିଲେ। ଛାତ୍ରୀ ଅର୍ଚ୍ଚନା ପ୍ରଧାନ ଓ ସାଇ ସଲୋନୀ ପଣ୍ଡା ବକ୍ତୃତା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଓ ଶିକ୍ଷକ ସରୋଜ ଭୂତିଆ, ଶିକ୍ଷୟିତ୍ରୀ ମଧୁମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସରୋଜ ଭୂତିଆ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନବୋଦୟ ପ୍ରବେଶିକାରେ ସଫଳତା






ମାଧପୁର,୧।୪(ମନୋଜପ୍ରଧାନ)

ଚଳିତବର୍ଷ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ୩ ଜଣ ଛାତ୍ର ଏବଂ ଜଣେ ଛାତ୍ରୀ। ଉକ୍ତ ଛାତ୍ରୀଛାତ୍ରମାନେ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସ୍ୱସ୍ତିକ ପ୍ରଧାନ, ନନ୍ଦକିଶୋର ପ୍ରଧାନ, କିରଣ କୁମାର ଗାଇଗରିଆ ଏବଂ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରୀ ଦିବ୍ୟାଶା ବେହେରା। କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ୨ ବାଇକ୍ ଧକ୍କା, ୨ ଯୁବକ ମୃତ

ଅନୁଗୋଳ,୧।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଳା ଥାନା କରତପଟା ଠାରେ ସୋମବାର ସନ୍ଧ୍ୟା ୭ଟାରେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତଳା ଥାନା ମଧପୁର ଗ୍ରାମର ପ୍ରଫୁଲ୍ଲ ନାଏକଙ୍କ ପୁଅ ମନୋଜ ନାଏକ (୪୦) ଓ ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର ଭୁବନ ପ୍ରଧାନ (୪୨)। ସୂଚନା ମୁତାବକ, ମନୋଜ ଏକ ବାଇକ୍‌ରେ କରତପଟାରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଭୁବନଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ। ଦୁର୍ଘଟଣା ଜୋର୍‌ଦାର ଥିବାରୁ ମନୋଜ ଓ ଭୁବନ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବନ୍ତଳା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

